# Akashvani, Sambalpur

## SAMBALPURI NEWS BULLETIN

### 26 May 2025- 6.47- 6.52 am.

*********************************************

ରାଜ୍ୟପାଲ୍ ଆର୍ଏନ୍ୟୁ/ ସମ୍ବଲପୁର

ଅତୀତ ଖାଲି ଗୁଟେ ଇତିହାସ୍ ନୁହେସେ, ଆଧୁନିକ୍ ଦୁନିଆର୍ ଭିନ୍ ଭିନ୍ ସମସ୍ୟାର୍ ମୁକାବିଲା କର୍ବାର୍ ଲାଗି ପ୍ରେରଣା ଦେସି ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି କହିଛନ୍ । ଭୁବ୍ନେଶ୍ୱର୍ ଠାନେ ଗଲାକାଏଲ୍ 'କଳିଙ୍ଗ ଆଉ ଦକ୍ଷିଣ ପୂର୍ବ ଏସିଆ - ସଭ୍ୟତା ସଂଯୋଗ୍' ଶୀର୍ଷକ୍ ଭାରତୀୟ ସାଂସ୍କୃତିକ୍ ଐତିହ୍ୟ ଉପ୍ରେ ଆଧାରିତ୍ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍ଯାପନୀ ଉତ୍ସବ୍ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ରାଜ୍ୟପାଲ୍ ଇଟା କହିଛନ୍ । ସେ କହିଛନ୍, ପୁର୍ନା କଳିଙ୍ଗର୍ ସାମୁଦ୍ରିକ୍ ପରମ୍ପରା ଦକ୍ଷିଣ ପୂର୍ବ ଏସିଆର୍ ପରିବେଶ୍ ଆଉ ବିକାଶ୍ମୂଳକ୍ ଆହ୍ୱାନ୍କେ ନେଇକରି ଜରୁରୀ ଶିକ୍ଷା ଦେସି । ସେନର୍ ଦେଶ୍ ମାନ୍କର୍ ସଙ୍ଗେ କଳିଙ୍ଗର୍ ସାମୁଦ୍ରିକ ବାଣିଜ୍ୟ, ଅନୁସନ୍ଧାନ୍ ଆଉ ସାଂସ୍କୃତିକ୍ ବିନିମୟର୍ ଇତିହାସ୍ ଖାଲି ଗର୍ବର୍ ବିଷେ ନୁହେଁ ଆଧୁନିକ୍ ଆଂଚଲିକ୍ ସହଯୋଗ୍ ଲାଗି ମାର୍ଗଦର୍ଶନ୍ ଦେସି ବଲି ରାଜ୍ୟପାଲ୍ କହିଛନ୍ ।

## ସି.ଏମ୍. ଟ୍ରଫି-ଲୋଗୋ I&PR

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଗଲାକାଏଲ୍ ୧୫ ବରସ୍ ନୁ କମ୍ ସି.ଏମ୍. ଟ୍ରଫି ଫୁଟବଲ୍ ଚାମ୍ପିଅନ୍‌ସିପ୍ -୨୦୨୫ ର ଲୋଗୋ ଟ୍ରଫି ଆର୍ ଆନ୍‌ଥେମ୍ ଉନ୍ମୋଚନ୍ ହେଇଛେ । କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଇତାକେ ଉନ୍ମୋଚିତ କରିକରି କହିଛନ୍, ସି.ଏମ୍. ଟ୍ରଫି ଜରିଏ ତୃଣମୂଲ୍‌ସ୍ତର୍‌ନୁ କ୍ରୀଡ଼ା ପ୍ରତିଭା ମାନ୍‌କର୍ ବିକାଶ୍ ହେଇପାର୍‌ବା । ରାଜ୍ୟର୍ କ୍ରୀଡ଼ା ପ୍ରତିଭାର ବିକାଶ୍ ସହେତେ ପ୍ରତିଭା ମାନ୍‌କୁ ବିଶ୍ୱସ୍ତର୍‌କେ ପୁହୁଁଚାବାର୍ ଲାଗି ରାଜ୍ୟ ସର୍‌କାର୍ ଲକ୍ଷ୍ୟ ରଖିଛନ୍ ବଲି ଶ୍ରୀ ସୂର୍ଯ୍ୟବଂଶୀ କହିଛନ୍ ।

## ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି I&PR

ଅଲ୍‌ଗା ଜରୁରୀ କାମ୍ ଥିବାର୍‌ନୁ ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ଆଏଜ୍ ବନ୍ଦ ରହେବା । ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସ୍କୁଲ୍, କଲେଜ୍ ଶିକ୍ଷକ୍ କର୍ମଚାରୀବୈଠକ୍ /ଆର୍ଏନ୍ୟୁ ସମ୍ବଲପୁର

ଗୁଣାତ୍ମକ ଶିକ୍ଷାଦାନ୍ ସହେତେ ସମାଜ୍‌କେ ସଠିକ୍ ମାର୍ଗଦର୍ଶନ୍ କରିକରି ଦେଶ୍ ଆର୍ ରାଜ୍ୟକେ ଆଗ୍‌କେ ନେବାର୍‌କେ ଶିକ୍ଷକ୍ ଶିକ୍ଷୟିତ୍ରୀମାନ୍‌କର୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ ବଲି ପୂର୍ତ ଆଉ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ଓଡ଼ିଶା ସ୍କୁଲ୍, କଲେଜ୍ ଶିକ୍ଷକ ଆଉ କର୍ମଚାରୀ ସମନ୍ୱୟ ସମିତିର୍ ଗୁଟେ ପ୍ରତିନିଧି ମଣ୍ଡଲୀଙ୍କୁ ଗଲାକାଏଲ୍ ଭେଟିକରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ ଶିକ୍ଷକ୍‌ମାନ୍‌କର୍ ସମସ୍ୟା ସର୍‌କାର୍ ଜାନିଛନ୍ ଆଉ ଯେତେ ସମ୍ଭବ୍ ଇତାର୍ ସମାଧାନ୍ କର୍‌ବାର୍‌କେ ଚେରେଷ୍ଟା କରୁଛନ୍ ବଲି କହିଛନ୍ ।

ସଡ଼କ ସୁରକ୍ଷା ସମୀକ୍ଷା ବୈଠକ     ଆର୍ଏନ୍ୟୁ/ ସମ୍ବଲପୁର

ବାଣିଜ୍ୟ ଆଉ ପରିବହନ୍ ବିଭାଗ୍ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ସଡ଼କ ସୁରକ୍ଷା ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ରାଏଜେ ସଡ଼କ୍ ଦୁର୍ଘଟଣା କମାବାର୍ ଆଉ ସୁରକ୍ଷିତ୍ ଗାଡ଼ି ଚାଲନା ଅଭ୍ୟାସ୍‌କେ ତହଁକାବାର୍ ବାଗିର୍ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ପଦକ୍ଷେପ୍ ବାବ୍‌ଦେ ଆଲୋଚନା କରାଯାଇଥିଲା । ସଡ଼କ ସୁରକ୍ଷା ଲକ୍ଷ୍ୟ ହାସଲ୍ କର୍‌ବାର୍ ଲାଗି ଗୁଟେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ୍

ଦିଗେ ଶୂନ୍ୟ ଦୁର୍ଘଟଣା ଦିବସ୍ କାର୍ଯ୍ୟକ୍ରମ୍ ଖୋବ୍ ଜଲ୍ଦି ରାଏଜେ ମୁଲ୍ ହେବାର୍କେ ଯାଉଛେ । ଇତାକେ ନେଇକରି ଭିଲ୍ ବୈଠକ୍ଥି ଆଲୋଚନା ହେଇଛେ ।

ସାଢ଼େ ୭ ଘଂଟା ଅଫିସ୍ ଆର୍ଏନ୍ୟୁ/ କଟକ୍

ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍ର କର୍ମଚାରୀମାନେ ଏତ୍କର ଦିନର୍ ୧୦ ବଜେନୁ ସାଢ଼େ ୫ ବଜେତକ୍ କାର୍ଯ୍ୟାଲୟଥି ଉପସ୍ଥିତ୍ ରହେବେ ବଲି ଗୁଟେ ନିର୍ଦ୍ଦେଶ୍ନାମା ଜାରି କରାଯାଇଛେ । ସାଢ଼େ ୭ ଘଂଟାତକ୍ ଅଫିସ୍ଥି ରହେବାର୍ ସହେତେ କର୍ମଚାରୀମାନ୍କର୍ ଲାଗି ବାୟୋମେଟ୍ରିକ୍ ଉପସ୍ଥାନ୍କେ ଭିଲ୍ ବାଧ୍ୟତାମୂଲକ୍ କରାଯାଇଛେ । ଯେନ୍ କର୍ମଚାରୀମାନ୍କର୍ ବାୟୋମେଟ୍ରିକ୍ ନାଇଁ ପଡ଼ିଥିବା ସେହିଦିନ ସେ ଅନୁପସ୍ଥିତ୍ ଧରାଯିବା ବଲି ବିଭାଗ୍ ତର୍ଫୁ କୁହାଯାଇଛେ ।

ଭିଜନ୍ ଡକ୍ୟୁମେଂଟ୍ ଭୁବ୍ନେଶ୍ୱର୍ ସମ୍ବାଦଦାତା

ରାଏଜେ ବିଜେପି ନେତୃତ୍ୱାଧୀନ୍ ସର୍କାର୍କେ ଆଏବା ମାସ ୧୨ ତାରିଖ୍ ବଛ୍ରେ ପୁରୁଛେ । ଇ ଅବ୍ସରେ ଗୁଟେ ଖାସ୍ କାର୍ଯ୍ୟକ୍ରମ୍ଥି ଓଡ଼ିଶା ଭିଜନ୍ ଡକ୍ୟୁମେଂଟ୍ -୨୦୩୬ ଉନ୍ମୋଚିତ୍ ହେବା । ନୀତି

ଆୟୋଗ୍ ପରିଚାଳନା ପରିଷଦ୍ ବୈଠକ୍‌ଥି ଇ ବାବ୍‌ଦେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସୂଚ୍‌ନା ଦେଇଥିଲେ । ବିକଶିତ୍ ଓଡ଼ିଶା ଗଠନ୍ ଲାଗି ରାଜ୍ୟ ସର୍‌କାର୍ ଭିଜନ୍ ଡକ୍ୟୁମେଂଟ୍ ତିଆର୍ କରିଛନ୍ । ଇଥିର୍‌ଲାଗି ଅନ୍‌ଲାଇନ୍ ଜରିଏ ୩ ଲାଖ୍ ୨୦ ହଜାର୍ ଲୁକ୍‌କର୍ ମତାମତ୍ ନିଆଯାଇଛେ ।

ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ- ଖାସ୍ ସଂଖ୍ୟା I&PR

ରାଜ୍ୟ ସର୍‌କାର୍‌ଙ୍କର୍ ଗୁଟେ ବଛର୍ ପୂର୍ତି ପାଲନ୍ ଅବ୍‌ସରେ ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ତର୍‌ଫୁ 'ଉତ୍କଳ ପ୍ରସଙ୍ଗ' ଆଉ 'ଓଡ଼ିଶା ରିଭ୍ୟୁ'ର ଖାସ୍ ସଂଖ୍ୟା ବାହାର୍‌ବା । ଇଥି ଗଲା ବଛ୍‌ରେ ଭିତ୍‌ରେ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ କରାଯାଇଥିବା ଭିନ୍ ଭିନ୍ ଜନକଲ୍ୟାଣ୍‌କାରୀ ଯୋଜ୍‌ନା ଆଉ କାର୍ଯ୍ୟକ୍ରମ୍ ସହେତେ ଉନ୍ନୟନ୍‌ମୂଳକ୍ ପ୍ରକଳ୍ପ ଆଉ ସଫଳତାର୍ କାହାନୀ ଥିବା ଲେଖା ମାନ୍ ବାହାର୍‌ବା । ଇଥିର୍‌ଲାଗି ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ତର୍‌ଫୁ ସାଧାରଣ୍ ଲୁକ୍‌କର୍‌ନୁ ଲେଖା ଆହ୍ୱାନ୍ କରାଯାଇଛେ ।

ଆକାଶ୍‌ବାଣୀ ପ୍ରତିଷ୍ଠା ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆକାଶ୍‌ବାଣୀ ସମ୍ବଲ୍‌ପୁର୍ କେନ୍ଦ୍ର ଆଏଜ୍ ତାର୍ ୬୩ ନମ୍ବର୍ ଥାପ୍‌ନା ଦିବସ୍ ପାଲନ୍ କରୁଛେ । ୧୯୬୩ ମସିହାର ଆଝିର୍ ଦିନେ ସମ୍ବଲପୁର ଆକାଶ୍‌ବାଣୀ କେନ୍ଦ୍ର ଥାପ୍‌ନା ହେଇଥିଲା । ୨୦ କିଲୋୱାଟ୍ ଟ୍ରାନ୍ସମିଟର୍ ପ୍ରସାରଣ୍‌ନୁ ମୁଲ୍ ହେଇଥିବା ଇ କେନ୍ଦ୍ର ଏଛେନ୍ ଶହେ କିଲୋୱାଟ୍ କ୍ଷମତାର୍ ଡିଜିଟାଲ୍ ପ୍ରସାରଣ୍ କରୁଛେ । ଆକାଶ୍‌ବାଣୀ କେନ୍ଦ୍ର ସମ୍ବଲ୍‌ପୁର୍ ପଶ୍ଚିମ ଓଡ଼ିଶାର୍ କଳା ଆଉ ସଂସ୍କୃତିର୍ ପ୍ରଚାର୍ ପ୍ରସାର୍ ଦିଗେ ବଡ୍‌ତି ଭୂମିକା ନେଇକରି ଶ୍ରୋତାମାନ୍‌କର୍ ମନ୍ ଜିତି ପାରିଛେ । ଇତାର୍‌ସଙ୍ଗେ କେନ୍ଦ୍ରନୁ ସମ୍ବଲ୍‌ପୁରୀ ଆଂଚଲିକ୍ ସମ୍ବାଦ୍ ସାଙ୍ଗେ ଫି’ ଘଂଟାର୍ ମୁଖିଆ ସମ୍ବାଦ୍ ପ୍ରସାରଣ୍ ଲାଗି ଲୋକ୍‌ମାନେ ତାଁକର୍ ନିଜର୍ ଭାଷାଥି ଇ ଅଂଚଲ୍‌ର ଖବର୍ ପାଇପାରୁଛନ୍ ।

ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦାମନ୍ ଆଉ ଡିଉଠାନେ ଚାଲିଥିବା ପହେଲା ଖେଲୋ ଇଣ୍ଡିଆ ବିଚ୍ ଗେମ୍ସଥି ଓଡ଼ିଶାର୍ ପେନାକ୍‌ସିଲାଟ୍ ଦଲ୍ ୮ ଟାପ ଦକ୍ ଜିତିଛେ । ଇଥି ୩ ଟା ରୌପ୍ୟ ଥିଲାବେଲେ ୫ ଟା କାଂସ୍ୟ ପଦକ୍ ରହିଛେ । ଓଡ଼ିଶାନୁ ୨୦ ଝନିଆ ଦଲ୍ ଇ ପ୍ରତିଯୋଗିତାଥି ଭାଗ୍ ନେଇକରି ରଜ୍ୟାର୍ ଲାଗି ଗୌରବ୍ ଆନିଛନ୍ ।

ପାଣିପାଗ                    ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳ ଛୁଇଁଲା ଉତ୍‌ରୁ ଦେଶର୍ ଉତର୍ ପୂର୍ବାଂଚଲ୍ ରାଜ୍ୟମାନ୍‌କେ ଜବର୍ ବର୍ଷା ଲାଗି ରହିଛେ । ଇତାର୍‌ପ୍ରଭାବ୍‌ଥି ଓଡ଼ିଶାର୍ ବଡ଼ଭାଗ ଜାଗା ନ ଭିଲ୍ ବର୍ଷା ହଉଛେ । ଇ ହପ୍ତା ରାଜ୍ୟର୍ ପାଖାପାଖି ସବୁ ଇଲାକା ନ ଘଡ଼୍‌ଘଡ଼ି ସହେତେ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।